# NATIONAL NEWS BULLETIN (ODIA)

## 23 October - 2024

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଯେକୌଣସି ସମସ୍ୟାର ସମାଧାନ ଲାଗି ଭାରତ ଯୁଦ୍ଧ ନୁହେଁ ବରଂ କୂଟନୀତି ଓ କଥାବାର୍ତ୍ତାକୁ ସମର୍ଥନ କରେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ପଷ୍ଟୋକ୍ତି ।
- କାଜାନ ଠାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ଦ୍ୱିପକ୍ଷିୟ ବୈଠକ ଜାରି ।
- ଜର୍ମାନ୍ ଚାନ୍‌ସେଲର ଓଲାଫ୍ ସ୍କଲଜ୍‌ଙ୍କର ଆସନ୍ତାକାଲି ଠାରୁ ତିନି ଦିନିଆ ଭାରତ ଗସ୍ତ ଆରମ୍ଭ ।
- ଯୁବବର୍ଗଙ୍କୁ ଦୃଷ୍ଟିରେ ରଖି ବିପର୍ଯ୍ୟୟ ପ୍ରସମନ ନୀତି ପ୍ରଣୟନ କରାଯିବା ଉପରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କ ଗୁରୁତ୍ୱାରୋପ ।

ଏବଂ

- ସାମୁଦ୍ରିକ ଝଡ଼ 'ଦାନା' ଆସନ୍ତାକାଲି ରାତି କିମ୍ବା ଶୁକ୍ରବାର ସକାଳ ସୁଦ୍ଧା ଓଡ଼ିଶାର ଭିତରକନିକା ଓ ଧାମରା ମଧ୍ୟରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ।

## ପ୍ରଧାନମନ୍ତ୍ରୀ-ବ୍ରିକ୍ସ

ସନ୍ତ୍ରାସବାଦ ଏବଂ ସେମାନଙ୍କୁ ପାଣ୍ଠି ଯୋଗାଣ ବିରୁଦ୍ଧରେ ମିଳିତ ଭାବେ ସଂଗ୍ରାମ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ରିକ୍ସ ସଦସ୍ୟ ରାଷ୍ଟ୍ର ଗୁଡ଼ିକୁ ଆହ୍ୱାନ ଦେଇଛନ୍ତି । ସନ୍ତ୍ରାସବାଦ ଭଳି ଏକ ସ୍ପର୍ଶକାତର ପ୍ରସଙ୍ଗରେ ଦୋମୁହାଁ ନୀତିର କୌଣସି ସ୍ଥାନ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । କାଜାନରେ ଅନୁଷ୍ଠିତ ଷୋଡ଼ଶ ବ୍ରିକ୍ସ ସମ୍ମିଳନୀର ଉଦ୍‌ଯାପନୀ ପୂର୍ଣ୍ଣାଙ୍ଗ ଅଧିବେଶନରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଏହି ଅବସରରେ ଶ୍ରୀ ମୋଦୀ ଉଗ୍ରବାଦ ନୀତି ପ୍ରତି ଯୁବବର୍ଗ ଯେଭଳି ଆକୃଷ୍ଟ ନ ହେବେ ସେ ଦିଗରେ ତ୍ୱରିତ ପଦକ୍ଷେପ ନେବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏତଦ୍‌ବ୍ୟତୀତ ମିଳିତ ଜାତିସଂଘରେ ଆନ୍ତର୍ଜାତିକ ସନ୍ତ୍ରାସବାଦ ଉପରେ ସମନ୍ୱିତ ପଦକ୍ଷେପ ନେବା ଦିଗରେ ସମସ୍ତେ ମିଳିତ ଭାବେ ପ୍ରୟାସ କରିବାକୁ ସେ ଆହ୍ୱାନ ଦେଇଛନ୍ତି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ସାଇବର ସୁରକ୍ଷା, ନିରାପତ୍ତା ଏବଂ ଏକ ସୁରକ୍ଷିତ କୃତ୍ରିମ ବୁଦ୍ଧିମତା ଲାଗି ବିଶ୍ୱସ୍ତରରେ ନିୟମ ପ୍ରଣୟନ କରିବା

ଉପରେ ଆଲୋକପାତ କରିଛନ୍ତି । ସେ କହିଛନ୍ତି, ସାଇବର ସୁରକ୍ଷା, ଡିପ୍ ଫେକ୍ ଏବଂ ଆଧୁନିକ ଜ୍ଞାନକୌଶଳ ଯୁଗରେ ତଥ୍ୟକୁ ନେଇ ଭ୍ରମ ସୃଷ୍ଟି କରିବା ଭଳି ନୂତନ ଆହ୍ୱାନ ଗୁଡ଼ିକର ସଫଳ ସମାଧାନ ଦିଗରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ର ଗୁଡ଼ିକ ନିକଟରୁ ବିଶ୍ୱ ଅନେକ ଆଶା ରଖିଛି ।

ଯୁଦ୍ଧ, ଦ୍ୱନ୍ଦ୍ୱ, ଅର୍ଥନୈତିକ ଅନିଶ୍ଚିତତା, ଜଳବାୟୁ ପରିବର୍ତ୍ତନ ଏବଂ ସର୍ବପରି ସନ୍ତ୍ରାସବାଦ ଭଳି ଅନେକ ସମସ୍ୟା ବିଶ୍ୱବ୍ୟାପି ଦେଖା ଦେଇଥିବା ସମୟରେ ବ୍ରିକ୍ସ ସମ୍ମିଳନୀ ଆୟୋଜିତ ହୋଇଛି । ଏହାଛଡ଼ା ବିଶ୍ୱରେ ଉତ୍ତର-ଦକ୍ଷିଣ ଏବଂ ପୂର୍ବ-ପଶ୍ଚିମ ବିଭାଜନ ସମ୍ପର୍କରେ ମଧ୍ୟ ଅନେକ ତଥ୍ୟ ସାମ୍ନାକୁ ଆସୁଛି । ତେବେ କୌଣସି ସମସ୍ୟାର ସମାଧାନ ଲାଗି ଭାରତ ଯୁଦ୍ଧ ନୁହେଁ ବରଂ କୂଟନୀତି ଓ କଥାବାର୍ତ୍ତାକୁ ସମର୍ଥନ କରେ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି, ଏକ ସୁରକ୍ଷିତ, ସଶକ୍ତ ତଥା ସମୃଦ୍ଧ ଭବିଷ୍ୟତ ଲାଗି ନୂତନ ସୁଯୋଗ ସୃଷ୍ଟି କରିବାରେ ବ୍ରିକ୍ସ ସମ୍ପୂର୍ଣ୍ଣ ସମର୍ଥ । ଅତୀତରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ର ମିଳିତ ଭାବେ କୋଭିଡ୍ ନାଇଣ୍ଟିନ୍‌କୁ ସଫଳତାର ସହ ପରାସ୍ତ କରିସାରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ମୁଦ୍ରାସ୍ଫିତି, ଖାଦ୍ୟ ସୁରକ୍ଷା, ଶକ୍ତି, ସ୍ୱାସ୍ଥ୍ୟ ଏବଂ ପାନୀୟ ଜଳ  ବ୍ୟବସ୍ଥା ସୁନିଶ୍ଚିତ କରିବା ବର୍ତ୍ତମାନ ସମସ୍ତ ଦେଶ ଲାଗି ପ୍ରାଥମିକ ସମସ୍ୟା ଭାବେ ଉଭା ହୋଇଛି ।  ତେବେ ଜନକୈନ୍ଦ୍ରିକ ନୀତି ଅବଲମ୍ବନ କରି ବିବିଧତା ମଧ୍ୟରେ ଏକ ସମାବେଶୀ ମଞ୍ଚ ରୂପ ବ୍ରିକ୍ସ ସମସ୍ତ ସମସ୍ୟାର ସମାଧାନ ଦିଗରେ ଏକ ସକାରାତ୍ମକ ଭୂମିକା ଗ୍ରହଣ

କରିପାରିବ ବୋଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି । ବ୍ରିକ୍ସ କୌଣସି ବିଭାଜନକାରୀ ନୁହେଁ ବରଂ ଏକ ଜନହିତକାରୀ ମଞ୍ଚ ବୋଲି ବିଶ୍ୱକୁ ବାର୍ତ୍ତା ଦେବା ଉପରେ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ବ୍ରିକ୍ସ ବିଶ୍ୱ ମାନବ ସମାଜର ୪୦ ପ୍ରତିଶତକୁ ପ୍ରତିନିଧିତ୍ୱ କରୁଛି । ଗତ ଦୁଇ ଦଶନ୍ଧି ମଧ୍ୟରେ ପ୍ରାୟ ୩୦ ପ୍ରତିଶତ ଅର୍ଥ ବ୍ୟବସ୍ଥା ସମେତ କେତେକ କ୍ଷେତ୍ରରେ  ଅନେକ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇ ପାରିଛି ।ଶ୍ରୀ ମୋଦୀ ଜଳବାୟୁ ପରିବର୍ତ୍ତନ ସମସ୍ୟା ଉପରେ ନିଜର ମତାମତ ଦେଇ କହିଛନ୍ତି, ବ୍ରିକ୍ସର ସମସ୍ତ ସଦସ୍ୟ ରାଷ୍ଟ୍ର ଏହା ଉପରେ ପ୍ରାଥମିକତା ଦେଇ କାର୍ଯ୍ୟ କରିବା ଉଚିତ୍ । ରୁଷର ଅଧ୍ୟକ୍ଷତାରେ ମୁକ୍ତ କାର୍ବନ ବ୍ୟବସାୟ ଭାଗିଦାରୀ ଦିଗରେ ହୋଇଥିବା ରାଜନିମାନାଙ୍କୁ ବ୍ରିକ୍ସ ପକ୍ଷରୁ ସ୍ୱାଗତ କରାଯାଉଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ବ୍ରିକ୍ସ ବୈଠକ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କ ସହିତ କାଜାନ୍‌ରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦ୍ୱିପକ୍ଷିୟ ଆଲୋଚନା କରୁଥିବା ଜଣାଯାଇଛି ।

# ଜର୍ମାନ୍ ଚାନ୍ସେଲର-ଇଣ୍ଡିଆ

ଜର୍ମାନ୍ ଚାନ୍ସେଲର ଓଲାଫ୍ ସ୍କଲଜ୍ ଆସନ୍ତାକାଲି ଠାରୁ ତିନି ଦିନିଆ ଭାରତ ଗସ୍ତରେ ଆସୁଛନ୍ତି । ଏହି ଅବସରରେ ଶ୍ରୀ ସ୍କଲଜ୍ ଆସନ୍ତା ୨୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସପ୍ତମ ଆନ୍ତଃ ସରକାରୀ ପରାମର୍ଶ - ଆଇ.ଜି.ସି. ବୈଠକରେ ସହ-ଅଧ୍ୟକ୍ଷତା କରିବେ । ଆଇ.ଜି.ସି. ହେଉଛି ଉଭୟ ଦେଶର ସରକାରୀ ସ୍ତରର ଏକ ମିଳିତ କାର୍ଯ୍ୟ ମଞ୍ଚ, ଯେଉଁଠାରେ କି ବିଭିନ୍ନ କ୍ଷେତ୍ରରେ ଭାଗିଦାରୀ ତଥା ସମ୍ପର୍କକୁ ଅଧିକ ସଶକ୍ତ କରିବା ଦିଗରେ ଉଭୟ ଦେଶର ସମ୍ପୃକ୍ତ ମନ୍ତ୍ରୀମାନେ ଆଲୋଚନା କରି ଏହାର ଫଳାଫଳ ନିଜର ପ୍ରଧାନମନ୍ତ୍ରୀ ଏବଂ ଚାନ୍ସେଲରଙ୍କୁ ଅବଗତ କରାଇଥାନ୍ତି ।

ଏହାଛଡ଼ା ଶ୍ରୀ ମୋଦୀ ଏବଂ ଶ୍ରୀ ସ୍କଲଜ୍ ଏହି ଅବସରରେ ଉଭୟ ଦେଶ ମଧ୍ୟରେ ସବୁଜ ଏବଂ ସ୍ଥାୟୀ ବିକାଶ ଭାଗିଦାରୀର ସଫଳ କାର୍ଯ୍ୟକାରିତା, ନିରାପତ୍ତା ଓ ପ୍ରତିରକ୍ଷା ସହଯୋଗ ବୃଦ୍ଧି, ଅର୍ଥନୈତିକ ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ ଦ୍ୱିପକ୍ଷିୟ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଏହାଛଡ଼ା ଉଭୟ ନେତା ଜର୍ମାନ ବ୍ୟବସାୟର ଅଷ୍ଟାଦଶ ଏସିଆ ପ୍ରଶାନ୍ତ ମହାସାଗରୀୟ ସମ୍ମିଳନୀରେ ଉଦ୍‌ବୋଧନ ଦେବେ । ଭାରତ-ପ୍ରଶାନ୍ତ ମହାସାଗରୀୟ ଦେଶ ସମେତ ଜର୍ମାନ୍‌ର ମଧ୍ୟ ବହୁ ପ୍ରତିଷ୍ଠିତ ଶିଳ୍ପୋଦ୍ୟୋଗୀ, ରାଜନୈତିକ ପ୍ରତିନିଧି ଓ

ଅନ୍ୟାନ୍ୟ ବୁଦ୍ଧିଜୀବୀମାନେ ଏହି ସମ୍ମିଳନୀରେ ଯୋଗଦେବେ । ଏହା ପ୍ରତି ଦୁଇ ବର୍ଷରେ ଥରେ ଅନୁଷ୍ଠିତ ହୋଇଥାଏ ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୭ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ତାଙ୍କର ମାସିକ ରେଡିଓ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୧୫ତମ ସଂସ୍କରଣ । ଏଥିପାଇଁ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ସେମାନଙ୍କର ମତାମତ ଦେବାକୁ ଅନୁରୋଧ କରିଛନ୍ତି । ଜନସାଧାରଣ ନମୋ ଆପ୍ ଓ My Gov ପୋର୍ଟାଲ୍‌ରେ ସେମାନଙ୍କର ମତାମତ ଦେଇ ପାରିବେ । ଏହା ବ୍ୟତୀତ ସେମାନେ 1800-11-7800 ଡାଏଲ୍ କରି ସେମାନଙ୍କର ମତାମତ ରେକର୍ଡ କରିପାରିବେ । ସେମାନେ ମଧ୍ୟ 1922 କୁ ମିସ୍‌ଡ କଲ୍ ଦେଇ SMS ଅନୁସାରେ ନିଜର ମତାମତ ଆସନ୍ତା ୨୫ ତାରିଖ ମଧ୍ୟରେ ଦେଇପାରିବେ ।

## ନିତ୍ୟାନନ୍ଦ ରାୟ

ଯୁବବର୍ଗଙ୍କୁ ଦୃଷ୍ଟିରେ ରଖି ବିପର୍ଯ୍ୟୟ ପ୍ରସମନ ନୀତି ପ୍ରଣୟନ କରାଯିବା ଉପରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଗୁରୁତ୍ୱାରୋପ

କରିଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଆନ୍ତର୍ଜାତିକ ବିପର୍ଯ୍ୟୟ ପ୍ରସମନ ଦିବସ ଅବସରରେ ଆୟୋଜିତ ଏକ ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ରାୟ କହିଛନ୍ତି, ବିପର୍ଯ୍ୟୟ ପ୍ରସମନ ୟୁନିଟ୍ ଗୁଡ଼ିକ ଶିକ୍ଷା କ୍ଷେତ୍ରର ସହଯୋଗରେ ଛାତ୍ରଛାତ୍ରୀ ତଥା ଯୁବବର୍ଗଙ୍କୁ ଏ ଦିଗରେ ସଚେତନ କରିବା ଆବଶ୍ୟକ । ଏହାଦ୍ୱାରା ବିପର୍ଯ୍ୟୟ ପ୍ରସମନ ଦିଗରେ ଏକ ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଇପାରିବ । ସେହିଭଳି ପାଣିପାଗ ପୂର୍ବାନୁମାନ ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କିତ ତଥ୍ୟ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଦିଗରେ ସାମାଜିକ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ରାୟ ମତବ୍ୟକ୍ତ କରିଛନ୍ତି ।

ସାମୁଦ୍ରିକ ଝଡ଼ 'ଦାନା' ସମ୍ପର୍କରେ ସୂଚନା ଦେଇ ଶ୍ରୀ ରାୟ କହିଛନ୍ତି, କେନ୍ଦ୍ର ସରକାରଙ୍କ ପକ୍ଷରୁ ଏଥିଲାଗି ସମସ୍ତ ପ୍ରକାର ସମ୍ଭାବ୍ୟ କ୍ଷୟକ୍ଷତିକୁ ହ୍ରାସ କରିବା ସହିତ ଆବଶ୍ୟକ ପଦକ୍ଷେପ ନିଆଯାଉଛି ।

## ବାତ୍ୟା 'ଦାନା'

ସାମୁଦ୍ରିକ ବାତ୍ୟା 'ଦାନା'ର ବାହ୍ୟବଳୟ ଆଜି ସ୍ଥଳଭାଗ ସ୍ପର୍ଶ କରିଛି । ଆସନ୍ତାକାଲି ରାତି କିମ୍ବା ଶୁକ୍ରବାର ସକାଳ ସୁଦ୍ଧା କେନ୍ଦ୍ରାପଡ଼ା

ଜିଲ୍ଲାର ଭିତରକନିକା ଓ ଭଦ୍ରକ ଜିଲ୍ଲାର ଧାମରା ମଧ୍ୟରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି । ଘୂର୍ଣ୍ଣିଝଡ଼ ସ୍ଥଳଭାଗ ସ୍ପର୍ଶ କରିବା ପ୍ରକ୍ରିୟା ପ୍ରାୟ ୫ ଘଣ୍ଟା ଧରି ଚାଲିବ ବୋଲି ଭାରତୀୟ ପାଣିପାଗ ବିଭାଗ ଅନୁମାନ କରିଛି । ମିଳିଥିବା ସୂଚନା ଅନୁଯାୟୀ ଏହି ସମୟରେ ଅତି ପ୍ରବଳ ବର୍ଷା ହେବା ସହିତ ଘଣ୍ଟା ପ୍ରତି ପବନର ବେଗ ୧୦୦ରୁ ୧୨୦ କିଲୋମିଟର ରହିବ । ତେବେ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଏହାର ପ୍ରଭାବରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ମୟୂରଭଞ୍ଜ, କଟକ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ଜଣାପଡ଼ିଛି । ସେହିଭଳି ବାତ୍ୟା ସ୍ଥଳଭାଗ ଅତିକ୍ରମ କରିବା ସମୟରେ ସମୁଦ୍ରରେ ୨ରୁ ୩ ମିନିଟର ଉଚ୍ଚତାର ଜୁଆର ଆସିବାର ସମ୍ଭାବନା ରହିଛି ।

ପାଣିପାଗ ବିଭାଗ କହିଛି, ଗତକାଲି ସୃଷ୍ଟ ଅବପାତ ଆଜି ସାମୁଦ୍ରିକ ଝଡ଼ରେ ପରିଣତ ହୋଇ ସନ୍ଧ୍ୟା ୬ଟା ସୁଦ୍ଧା ପାରାଦ୍ୱୀପର ଦକ୍ଷିଣ-ପୂର୍ବ ଦିଗରେ ୪୫୦ କିଲୋମିଟର ଏବଂ ଧାମରା ଠାରୁ ୪୮୦ କିଲୋମିଟର ଦୂରରେ ରହିଛି । ଘଣ୍ଟା ପ୍ରତି ୧୨ କିଲୋମିଟର ବେଗରେ ଏହା ଓଡ଼ିଶା ଉପକୂଳ ଆଡ଼କୁ ମୁହାଁଉଛି । ଘୂର୍ଣ୍ଣିଝଡ଼ଟି ଉତ୍ତର ଦିଗକୁ ଗତି କରି ଭୀଷଣ ବାତ୍ୟା ରୂପ ନେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ସମ୍ଭାବ୍ୟ ବାତ୍ୟା ପାଇଁ ଧାମରା ଓ ପାରାଦ୍ୱୀପ ବନ୍ଦରରେ ୪ ନମ୍ବର, ଗୋପାଳପୁରରେ ୮ ନମ୍ବର ଓ ପୁରୀ ଲାଗି ୧୦ ନମ୍ବର ବିପଦ ସଂକେତ

ଜାରି କରାଯାଇଛି । ବାତ୍ୟାର ପ୍ରଭାବକୁ ଦୃଷ୍ଟିରେ ରଖି ପ୍ରଭାବିତ ଅଞ୍ଚଳରେ ଜନସାଧାରଣଙ୍କୁ ସମସ୍ତ ପ୍ରକାର ସୁବିଧା ଓ ସହଯୋଗ ଯୋଗାଇଦେବା ଲାଗି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଆବଶ୍ୟକ ପଦକ୍ଷେପ ନେଇଛନ୍ତି ।

## ଆଇସିଜି-ବାତ୍ୟା ଦାନା

ସାମୁଦ୍ରିକ ଝଡ଼ 'ଦାନା' ପ୍ରଭାବରୁ ଜନଜୀବନକୁ ସୁରକ୍ଷା ଦେବା ଲାଗି ଭାରତୀୟ ତଟରକ୍ଷୀ ବାହିନୀ ପକ୍ଷରୁ ମଧ୍ୟ ଅନେକ ପଦକ୍ଷେପ ନିଆଯାଇଛି । ଏ ସମ୍ପର୍କରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି, ମତ୍ସ୍ୟଜୀବୀ ଏବଂ ବନ୍ଦର କର୍ତ୍ତୃପକ୍ଷଙ୍କୁ ସମୟ ମୁତାବକ ନିୟମିତ ପାଣିପାଗ ସତର୍କ ସୂଚନା ଜାରି କରିବା ଲାଗି ଜାହାଜ ଏବଂ ରିମୋର୍ଟ ଅପରେଟିଂ ସିଷ୍ଟମ୍ ପଶ୍ଚିମବଙ୍ଗ ଓ ଓଡ଼ିଶାରେ ମୁତୟନ କରାଯାଇଛି ।

## ଏନ୍‌ଡିଆର୍‌ଏଫ୍-ବାତ୍ୟା

ସାମୁଦ୍ରିକ ଝଡ଼ 'ଦାନା'ର ପ୍ରଭାବରୁ ଜନସାଧାରଣଙ୍କୁ ସହାୟତା ଯୋଗାଇଦେବା ଉଦ୍ଦେଶ୍ୟରେ ଏନ୍.ଡି.ଆର୍.ଏଫ୍. ପକ୍ଷରୁ ଓଡ଼ିଶାରେ ୨୦ଟି ଏବଂ ପଶ୍ଚିମବଙ୍ଗରେ ୧୩ଟି ଦଳ ମୁତୟନ କରାଯାଇଛି । ଆଜି

ନୂଆଦିଲ୍ଲୀ ଠାରେ ଏନ୍.ଡି.ଆର୍.ଏଫ୍. ଡି.ଆଇ.ଜି. ମୋଶେନ୍ ସାହିଦି ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ପଶ୍ଚିମବଙ୍ଗ ଲାଗି ଅନ୍ୟ ଚାରୋଟି ଦଳକୁ ସ୍ୱତନ୍ତ୍ର ଭାବେ ସଂରକ୍ଷିତ ରଖାଯାଇଛି ବୋଲି ସେ କହିଛନ୍ତି ।

## ହକି

ନୂଆଦିଲ୍ଲୀର ମେଜର ଧ୍ୟାନ୍‌ଚାନ୍ଦ ଜାତୀୟ ଷ୍ଟାଡିୟମ୍‌ରେ ଆଜି ଅନୁଷ୍ଠିତ ହକି ମ୍ୟାଚ୍‌ରେ ଭାରତ ଜର୍ମାନୀ ଠାରୁ ୦-୨ରେ ପରାସ୍ତ କରିଛି । ଜର୍ମାନୀ ଦଳର ଭାରତ ଗସ୍ତ ଅବସରରେ ଦୁଇ ଦେଶ ମଧ୍ୟରେ ଦୁଇଟିକିଆ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଅନୁଷ୍ଠିତ ହେଉଛି । ଏହି ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତାକାଲି ଖେଳାଯିବ ।

## ଗଲ୍ଫ

ମହିଳା ଭାରତୀୟ ଓପନ୍ ଗଲ୍ଫ ପ୍ରତିଯୋଗିତା ଆସନ୍ତାକାଲି ହରିଆଣାର ଗୁଡ଼ଗାଓଁ ଠାରେ ଆରମ୍ଭ ହେବ । ଏହି ପ୍ରତିଯୋଗିତାର ଚଳିତ ଷୋଡ଼ଶ ସଂସ୍କରଣରେ ୩୧ଟି ଦେଶର ୧୧୪ ଜଣ ପ୍ରତିଯୋଗୀ ଭାଗ ନେବେ । ଏଥିରେ ଭାରତର ମଧ୍ୟ ୨୭ ଜଣ ପ୍ରତିଯୋଗୀ ସାମିଲ ହେବେ ।